# ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ବାଲେଶ୍ୱର
## ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ପିନ-୭୫୬୦୦୧

ପତ୍ରାଙ୍କ ସଂଖ୍ୟା ୧୩୮୨ / ତାରିଖ ୨୪/୦୩/୨୦୨୫

**ପ୍ରାପ୍ତେଷୁ ,**

**ବାଲେଶ୍ୱର ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ**

ବିଷୟ : - "ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ – ୨୦୨୫" ଆୟୋଜନ ସମ୍ପର୍କରେ ।

**ମହାଶୟ / ମହାଶୟା,**

ଉପରୋକ୍ତ ବିଷୟ ପ୍ରତି ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ ପୂର୍ବକ ଜଣାଉଅଛି ଯେ, ଜାତୀୟ ଶିକ୍ଷା ନୀତି – ୨୦୨୦ ର ନିୟମ ଅନୁଯାୟୀ ରାଜ୍ୟରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆଗାମୀ ୨୦୨୫-୨୬ ଶିକ୍ଷାବର୍ଷ ଠାରୁ ଏକ ନୂତନ ଶ୍ରେଣୀ **"ଶିଶୁ ବାଟିକା"** ନାମରେ ସଂଯୁକ୍ତ ହେବ, ଯେଉଁଠି ପାଞ୍ଚ ରୁ ଛଅ ବର୍ଷ ବୟସର ଶିଶୁମାନେ ପ୍ରାକ୍‌ଶିକ୍ଷା ନିମନ୍ତେ ପ୍ରବେଶ କରିବେ।

ଏହି ପରିପ୍ରେକ୍ଷୀରେ ଆମ ଜିଲ୍ଲାର ପାଞ୍ଚ - ଛଅ ବର୍ଷ ବୟସର ସମସ୍ତ ଶିଶୁମାନଙ୍କ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ପ୍ରତି ସାହି ବସ୍ତି ଓ ଗାଁଗଣ୍ଡାରେ ଆରମ୍ଭ ହୋଇଛି । ଆମ ଜିଲ୍ଲାରେ ଯେମିତି ଜଣେବି ଶିଶୁ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାରୁ ଓ ପାଠପଢ଼ାରୁ ବଞ୍ଚିତ ହେବେ ନାହିଁ, ଏହି ଆଭିମୁଖ୍ୟ ନେଇ ଆପଣଙ୍କୁ ଅନୁରୋଧ କରାଯାଉଅଛିଯେ, ଆପଣ ନିଜ ବିଭାଗର ସମସ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରେରିତ କରିବା ସହ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସ୍ୱକୀୟ ଯୋଗଦାନ ନିଶ୍ଚିତ କରିବା ହେବେ।

କୋମଳମତି ଶିଶୁମାନଙ୍କ ଜୀବନଧାରର ପ୍ରଥମ ସୋପାନରେ ସେମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଆଗାମୀ ଏପ୍ରିଲ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ରାଜ୍ୟର ସମସ୍ତ ଜିଲ୍ଲାରେ "ପ୍ରବେଶ ଉତ୍ସବ ଓ ଖଡିଛୁଆଁ" ଅଭିଯାନ ସମସ୍ତ ବିଦ୍ୟାଳୟରେ ଅଭିଭାବକ, ସେହି ଅଞ୍ଚଳର ନିର୍ବାଚିତ ଜନ ପ୍ରତିନିଧି, ବରିଷ୍ଠ ପଦାଧିକାରୀ, ଏବଂ ସମାଜର ପ୍ରତ୍ୟେକ ବର୍ଗର ବରିଷ୍ଠ ନାଗରିକମାନଙ୍କୁ ନେଇ ଅନୁଷ୍ଠିତ ହେବ।

ତେଣୁ ଆପଣମାନଙ୍କୁ ପୁନଃ ଅନୁରୋଧ, ଆପଣମାନେ ନବାଗତ ଶିଶୁମାନଙ୍କର ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିବା ସହିତ ଉପରୋକ୍ତ ଦିବସମାନଙ୍କରେ ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ରହି ଅଭିଭାବକ ଓ ନବାଗତ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ଏକ ଶିଶୁର ବଳିଷ୍ଠ ମୂଳଦୁଆ ଗଠନ ଓ ତାହାର ଆଗାମୀ ସୁନ୍ଦର ଭବିଷ୍ୟତକୁ ସୁନିଶ୍ଚିତ କରାଇବା ପାଇଁ ଓ ସରକାରଙ୍କ ଆଭିମୁଖ୍ୟର ସଫଳତା ନିମନ୍ତେ ସ୍ୱକୀୟ ଯୋଗଦାନ କରିବା ହେବେ।

**ଆପଣଙ୍କ ବିଶ୍ୱସ୍ତ**

**ଜିଲ୍ଲାପାଳ ଓ ଅଧକ୍ଷ,**
**ସମଗ୍ର ଶିକ୍ଷା, ବାଲେଶ୍ୱର**

**ଜ୍ଞାପକ ସଂଖ୍ୟା** ୧୩୮୩ **ତାରିଖ** ୨୪/୦୩/୨୦୨୫

ଏହାର ଏକକିତା ନକଲ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟାଳୟ, ଭୁବନେଶ୍ୱର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଜିଲ୍ଲାପାଳ ଓ ଅଧକ୍ଷ,**
**ସମଗ୍ର ଶିକ୍ଷା, ବାଲେଶ୍ୱର**



**ଜୟ ଜଗନ୍ନାଥ !**

**ପ୍ରିୟ ଅଭିଭାବକ,**

**ଆପଣଙ୍କୁ ମୋର ସାଦର ଅଭିନନ୍ଦନ ।**

ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ **"ଶିଶୁ ବାଟିକା"** ଆରମ୍ଭ କରାଯାଉଛି । ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ ।

ଏହି କ୍ରମରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା **ଅପ୍ରେଲ ୨ ତାରିଖରେ "ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ"** କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

ଏହି ଶୁଭ ଅବସରରେ ଆପଣ ନାମଲେଖା ପାଇଁ ଯୋଗ୍ୟ ପିଲାଙ୍କ ସହିତ ନିଜେ ଉପସ୍ଥିତ ରହି ସେମାନଙ୍କର ଏହି ନୂତନ ଶିକ୍ଷା-ଯାତ୍ରାକୁ ଭବ୍ୟ ଓ ଅବିସ୍ମରଣୀୟ କରିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ।

ଧନ୍ୟବାଦ ।



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ**